# ସ୍ୱାଗତଯୋଗ୍ୟ ଆଭିମୁଖ୍ୟ

ରାଜ୍ୟ ଶିଳ୍ପମନ୍ତ୍ରୀମାନଙ୍କର ଦିଲ୍ଲିଠାରେ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଆମର ଶିଳ୍ପନୀତି ସମ୍ବନ୍ଧରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା କେବଳ ସ୍ୱାଗତଯୋଗ୍ୟ ନୁହେଁ ସମସ୍ତଙ୍କପାଇଁ ପ୍ରଣିଧାନଯୋଗ୍ୟ ମଧ୍ୟ ।

ପ୍ରଧାନମନ୍ତ୍ରୀ ଆମ ଶିଳ୍ପନୀତିର ତିନୋଟି ଦିଗପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଥମଟି ହେଲା, ଆମ ଶିଳ୍ପବିକାଶରେ କ୍ଷୁଦ୍ର ଶିଳ୍ପର ଭୂମିକା, ଦ୍ୱିତୀୟ— ଆମ ଶିଳ୍ପ-ନୀତିରେ 'କଣ୍ଟ୍ରୋଲ' ବ୍ୟବସ୍ଥାର ଆବଶ୍ୟକତା ଓ ତୃତୀୟଟି ହେଲା ଶିଳ୍ପବିକାଶକୁ ତ୍ୱରାନ୍ୱିତ କରିବାପାଇଁ ବିଦ୍ୟୁତଶକ୍ତି ଯୋଗାଇବା କ୍ଷେତ୍ରରେ ପରିକଳ୍ପନାଗତ ତ୍ରୁଟିକୁ ଦୂର କରିବା ।

ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଶିଳ୍ପର ସମସ୍ୟା ସମ୍ବନ୍ଧରେ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ବାସ୍ତବିକ କ୍ଷୁଦ୍ରଶିଳ୍ପଗୁଡ଼ିକର ପ୍ରସାର ନ ହେଲେ ଭାରତ ପରି ଏକ ଦେଶରେ ଶିଳ୍ପ ସଭ୍ୟତାର ଉନ୍ମେଷ ସମ୍ଭବ ହେବ ନାହିଁ । ଅଧିକ ସଂଖ୍ୟକ କର୍ମନିଯୁକ୍ତି, ସ୍ୱଳ୍ପ ସମ୍ବଳର ଉପଯୁକ୍ତ ବିନିଯୋଗ ଏବଂ ଶିଳ୍ପ ସଭ୍ୟତାରେ ବିଶ୍ୱାସ କରୁଥିବା ଏକ ଜାତି ପାଇଁ ଯେଉଁ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି, ତାହା ଯେ କେବଳ କ୍ଷୁଦ୍ର ଶିଳ୍ପର ପ୍ରସାର ମାଧ୍ୟମରେ ହୋଇପାରିବ, ଏକଥା ସମସ୍ତେ ସ୍ୱୀକାର କରିବେ । ଭାରତର ସାମ୍ପ୍ରତିକ ପ୍ରଶାସନିକ ଏବଂ ସାମାଜିକ ବ୍ୟବସ୍ଥା ପରିପ୍ରେକ୍ଷୀରେ ଯଦି ଏମାନଙ୍କୁ ସହାନୁଭୂତି ଏବଂ ଉଚିତ ପୃଷ୍ଠପୋଷକତା ନ ମିଳେ, ତା'ହେଲେ କ୍ଷୁଦ୍ରଶିଳ୍ପର ବିକାଶ ସମ୍ଭବ ହେବ ନାହିଁ । ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ମୁହଁରୁ ଏହି କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କୁ ଅମଲାତାନ୍ତ୍ରିକ ପ୍ରଭାବରୁ ମୁକ୍ତ କରିବାର କଥା ଶୁଣି କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନେ ନିଶ୍ଚୟ ଉତ୍ସାହିତ ହେବେ । ତା'ଛଡ଼ା, କ୍ଷୁଦ୍ର-ଶିଳ୍ପୋଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବାପାଇଁ ସରକାର ଯେଉଁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଆଗେଇ ଆସୁଛନ୍ତି ସେଗୁଡ଼ିକ ଯଦି ଠିକ୍ ସମୟରେ ଏବଂ ସହଜ ଏବଂ ସରଳ ଉପାୟରେ ଯୋଗାଇ ନ ଦିଆଯାଏ ତା'ହେଲେ ସରକାରଙ୍କର ଆସଲ ଉଦ୍ଦେଶ୍ୟ ସାଧିତ ହେବ ନାହିଁ । କାରଣ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନେ କେବଳ ପୁଞ୍ଜି ବିନିଯୋଗ ଦୃଷ୍ଟିରୁ ଯେ କ୍ଷୁଦ୍ର ତା' ନୁହେଁ, ସେମାନେ ଶିଳ୍ପସଭ୍ୟତାର ଅନୁଭୂତି, ଅଭିଜ୍ଞତା ଦୃଷ୍ଟିରୁ ତଥା ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ ବ୍ୟାବସାୟିକ 'ରିସ୍କ୍' ନେବାପାଇଁ ଯେଉଁ ସାହସ ଦରକାର ସେ ଦୃଷ୍ଟିରୁ ମଧ୍ୟ ସୀମାବଦ୍ଧ । ତେଣୁ ପ୍ରଧାନମନ୍ତ୍ରୀ ନାନା ସୁବିଧା ସୁଯୋଗର ଅପବ୍ୟବହାର ସତ୍ତ୍ୱେ ଆମ କ୍ଷୁଦ୍ରଶିଳ୍ପୋଦ୍ୟୋଗୀମାନଙ୍କ ଉପରେ ଆସ୍ଥା ଅତୁଟ ରଖିବା ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ସବୁ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନେ ଗଭୀରତାର ସହ ଅନୁଧ୍ୟାନ କରିବା ଉଚିତ । ପ୍ରଧାନମନ୍ତ୍ରୀଙ୍କର ଏ ଭାବାବେଗର ଯଥାର୍ଥ ଉତ୍ତର ସେମାନଙ୍କୁ ନିଜ ଆଚରଣରେ ଦେବାପାଇଁ ହେବ । କ୍ଷୁଦ୍ର ଶିଳ୍ପମାନଙ୍କୁ ଅମଲାତାନ୍ତ୍ରିକ ପ୍ରଭାବରୁ ମୁକ୍ତ ରଖିବାର ଆବଶ୍ୟକତା ଯେତିକି ରହିଛି, ସରକାରୀ ସୁବିଧା ସୁଯୋଗର ଅପବ୍ୟବହାର କରୁଥିବା ମୁଷ୍ଟିମେୟ ଶିଳ୍ପୋଦ୍ୟୋଗୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଦାୟିତ୍ୱ ମଧ୍ୟ ସେହିପରି ରହିଛି । ଏଥିପାଇଁ ସରକାରଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଶିଳ୍ପୋଦ୍ୟୋଗୀ ସଂଘ ଏବଂ ଅନୁଷ୍ଠାନମାନଙ୍କ ପକ୍ଷରୁ ମିଳିବା ଦରକାର ।

ଭାରତର ଶିଳ୍ପ ନୀତିରେ 'କଣ୍ଟ୍ରୋଲ ବ୍ୟବସ୍ଥା' ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । କଣ୍ଟ୍ରୋଲ ବ୍ୟବସ୍ଥା ଉପରେ ଉପଯୁକ୍ତ ନିୟନ୍ତ୍ରଣ ଅଭାବରୁ କିପରି ବିପରୀତ ଫଳ ଫଳୁଛି, ସେ ନେଇ ପ୍ରଧାନମନ୍ତ୍ରୀ ଯେଉଁ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତାହା ବାସ୍ତବିକ୍ ପ୍ରଣିଧାନଯୋଗ୍ୟ । ଏହା ଯେ ପରୋକ୍ଷରେ 'କଣ୍ଟ୍ରୋଲ' ନାଁରେ ଅନ୍ୟ ଶିଳ୍ପୋଦ୍ୟୋଗୀମାନଙ୍କୁ ନିରୁତ୍ସାହିତ କରୁଛି, ଏକଚାଟିଆ କାରବାରକୁ ପ୍ରୋତ୍ସାହିତ କରୁଛି, ପ୍ରତିଯୋଗିତା ଅଭାବରୁ ନିମ୍ନମାନର ସାମଗ୍ରୀକୁ ଅବାଧରେ ବଜାରକୁ ଛାଡ଼ି ଏକ ଦୂଷିତ ଶିଳ୍ପ ପରିବେଶ ସୃଷ୍ଟି କରୁଅଛି, ଏକଥା ସମସ୍ତେ ଅନୁଭବ କଲେଣି । ଏହା ପ୍ରଧାନମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛି ଏବଂ ସେ ଏହାର ପ୍ରତିକାର ପାଇଁ ଏକ ବିକଳ୍ପ କୋହଳ ବ୍ୟବସ୍ଥାର କଥା ଚିନ୍ତା କରୁଅଛନ୍ତି, ଏହା ନିଶ୍ଚିତ ଭାବରେ ଏକ ଶୁଭସୂଚନା ।

ସବୁଠାରୁ ଉଲ୍ଲେଖନୀୟ ଶୁଭ ସୂଚନା ହେଲା ଯେ ରାଜ୍ୟ ସ୍ତରରେ ବିଦ୍ୟୁତ୍-ବୋର୍ଡଗୁଡ଼ିକର ପରିକଳ୍ପନାରେ ଅସନ୍ତୋଷ ପ୍ରକାଶ କରି ପ୍ରଧାନମନ୍ତ୍ରୀ ଯେଉଁ ଉଦ୍‌ବେଗ ପ୍ରକାଶ କରିଅଛନ୍ତି । ବାସ୍ତବିକ ବିଦ୍ୟୁତ୍‌ଶକ୍ତିର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରି ନ ପାରିଲେ କୌଣସି ପ୍ରକାର ଶିଳ୍ପନୀତି ସଫଳ ହୋଇପାରିବ ନାହିଁ । ଏହି ଚାହିଦାକୁ ପୂରଣ କରିବାପାଇଁ ଭାରତର କୌଣସି ରାଜ୍ୟର ବିଦ୍ୟୁତ୍ ବୋର୍ଡ ସମର୍ଥ ନୁହନ୍ତି । ଏଥିପାଇଁ ସମ୍ବଳ ଅଭାବରୁ ନୂଆ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠା ସମ୍ଭବ ହେଉ ନ ଥିବା ଯେତିକି ଦାୟୀ, ପରିକଳ୍ପନାଗତ ତ୍ରୁଟି ଏବଂ ଜନସହଯୋଗର ଅଭାବରୁ ହେଉଥିବା ବିଦ୍ୟୁତ୍ ଶକ୍ତିର ଅପଚୟ ମଧ୍ୟ ସେତିକି ପରିମାଣରେ ଦାୟୀ । ଏ ଜଟିଳ ଜାତୀୟ ସମସ୍ୟାର ସମାଧାନ ଅଗ୍ରାଧିକାର ଭିତ୍ତିରେ ନ ହେଲେ ଶିଳ୍ପ ପ୍ରସାର ସମ୍ଭବ ହେବ ନାହିଁ । ସେଥିପାଇଁ ନୂଆ ପ୍ରକଳ୍ପର ଦାବୀ ଛଡ଼ା ଯେଉଁ କେତେଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ସେଗୁଡ଼ିକୁ ଦକ୍ଷତାର ସହ ଚଳାଇବାକୁ ପଡ଼ିବ ଏବଂ ଏ ଦକ୍ଷତା ପାଇଁ ଜନସହଯୋଗର ଆବଶ୍ୟକତା ଯଥେଷ୍ଟ ରହିଛି । ତା'ର ଚୋରିଠାରୁ ଆରମ୍ଭ କରି ବିଜୁଳି ଚୋରି ଆଜି ଏକ ସାମାଜିକ ବ୍ୟାଧି ପରି ବ୍ୟାପିବାକୁ ଲାଗିଲାଣି । ଆମ ଦିଗ୍‌ରରେ ପରିବାର ନିୟନ୍ତ୍ରଣ, ଦାରିଦ୍ର୍ୟ ଦୂରୀକରଣ ଏବଂ ଏଡ୍‌ସ୍ ରୋଗ ନିରାକରଣ ପରି ଏହି ସାମାଜିକ ବ୍ୟାଧି ନିରାକରଣ ଦିଗରେ ଏକ ଜାତୀୟ ଜାଗରଣର ଆବଶ୍ୟକତା ରହିଛି ଏବଂ ଏ ଦାୟିତ୍ୱ ଆମ ସମସ୍ତଙ୍କର ।